# ଅସ୍ତିତ୍ୱ ଖୋଜୁଛି ଅଟୋନଗର

ବ୍ରହ୍ମପୁର,୬।୨(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାର ଶିଳ୍ପାଞ୍ଚଳ ଭିତ୍ତିଭୂମିରେ ସାମିଲ ହୋଇଥିବା ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦରସ୍ଥିତ ଅଟୋନଗର ସ୍ଥିତି ଦୟନୀୟ ହୋଇପଡ଼ିଛି। ଦୀର୍ଘ ୩୩ ବର୍ଷ ହେଲା ଏକ ଦୂଷିତ ପରିବେଶରେ ଥିବା ଏହି ଶିଳ୍ପାଞ୍ଚଳ ନିଜ ଅସ୍ତିତ୍ୱ ଖୋଜିବାରେ ଲାଗିଛି। ବହୁ ଅଭିଯୋଗ ପରେ ଓଡ଼ିଶା ଶିଳ୍ପାଞ୍ଚଳ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡକୋ) ଏହାର ବିକାଶ ପାଇଁ ଅଣ୍ଟା ଭିଡ଼ିଛି।

ଜିଲାରେ ଥିବା ୫ଟି ଶିଳ୍ପାଞ୍ଚଳ ମଧ୍ୟରୁ ୯୦ ଦଶକରେ ନିର୍ମାଣ ହୋଇଥିବା ଅଟୋନଗର କେବଳ ଅଟୋମୋବାଇଲ ସେକ୍ଟର ପାଇଁ ପ୍ରଯୁଜ୍ୟ। ୭୪ ଏକର ଜମିରେ ଏହି ଶିଳ୍ପାଞ୍ଚଳ ରହିଛି। ସେଥିରୁ ୨୫ ଏକର ରାସ୍ତା ଓ ଡ୍ରେନେଜ ପାଇଁ ଛଡାଯାଇଥିବାବେଳେ ବାକି ୪୯ ଏକର ଜମିରେ ୪୯୪ ପ୍ଲଟ ରହିଛି। ଅଟୋନଗର ଭିତରକୁ ଦୈନିକ ବହୁ ଭାରିଯାନ ଯାତାୟାତ କରୁଛି। ସେଠାରେ ଏକ ନୂଆ ବସଷ୍ଟାଣ୍ଡ ନିର୍ମାଣ ହୋଇଛି। ତାହା ବି ଅଲୋଡା ହୋଇପଡିଛି। କନିଷ୍ଠ ତହସିଲଦାରଙ୍କ କାର୍ଯ୍ୟାଳୟ ରହିଛି। ସମ୍ମୁଖ ରାସ୍ତାର କିଛି ଅଂଶ ପିଚୁ ହୋଇଥିବାବେଳେ ବାକି ସବୁ ରାସ୍ତାରେ ମାଟି ମୁଠାଏ ବି ପଡିନି।



ଅଟୋନଗରର ରାସ୍ତା।

ଡ୍ରେନ, ପାନୀୟଜଳ ଓ ଷ୍ଟ୍ରିଟ ଲାଇଟର ସୁବିଧା ନାହିଁ। ଭଲ ହୋଟେଲ ନାହିଁ। ଶ୍ରମିକମାନେ ଆଶ୍ରୟ ନେବା ପାଇଁ ସୁବିଧା କରାଯାଇନାହିଁ। ରାତି ହେଲେ ଅଟୋନଗର ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ପାଲଟୁଛି। ୩୦ରୁ ୪୦ ପ୍ରତିଶତ ପ୍ଲଟରେ ଲୋକେ କିଛି କରିନାହାନ୍ତି। କେବଳ ପ୍ଲଟ ନେଇ ପକାଇ ରଖିଛନ୍ତି। ଇଡକୋ ପକ୍ଷରୁ ନାମାନୁସାରେ ତଦନ୍ତ କରାଯିବା ପରେ ପ୍ଲଟ ନେଇଥିବା ପ୍ରାୟ ୯୦ ପ୍ରତିଶତ ଲୋକ ସେମାନଙ୍କ ପ୍ଲଟ ଭଡାରେ ଲଗାଇଛନ୍ତି। ସେମାନଙ୍କୁ ନୋଟିସ କରାଯାଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଇଡକୋର ଇଷ୍ଟେଟ କୋର୍ଟରେ ଏ ସମ୍ପର୍କିତ ପ୍ରାୟ ୩୦ ମାମଲା ଥିବା ଇଡକୋ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଓଡ଼ିଶା ଆସେମ୍ଲି ଅଫ ସ୍ମାଲ ଆଣ୍ଡ ମିଡିୟମ ଏଣ୍ଟରପ୍ରେନର, ଗଞ୍ଜାମ ଚାପ୍ଟେରର ସାଧାରଣ ସମ୍ପାଦକ ଇଂ.ମନୋରଞ୍ଜନ ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଅଟୋନଗର ଜିଲାରେ ଅଟୋମୋବାଇଲ ଶିଳ୍ପର ଏକ ବୃହତ୍ ହବ ପାଲଟିଛି। କିନ୍ତୁ ଏଠାରେ ବହୁ ସମସ୍ୟା ରହିଛି। ଷ୍ଟ୍ରିଟ ଲାଇଟ, ରୋଡ, ଡ୍ରେନେଜ ବ୍ୟବସ୍ଥା ନାହିଁ। ଯେଉଁ ରାସ୍ତା ରହିଛି ପ୍ରାୟ ସ୍ଥାନରେ ୩ରୁ ୪ ଫୁଟ ପର୍ଯ୍ୟନ୍ତ ଖାଲ ହୋଇଯାଇଛି। ଖାଲ ଢିପ ରାସ୍ତା ଭାରିଯାନ ଯାତାୟାତରେ ବିପଦ ସୃଷ୍ଟି କରୁଛି। ସବୁଠୁ ବଡକଥା ହେଲା ଯେଉଁମାନେ ପ୍ଲଟ ନେଇଛନ୍ତି ସେମାନଙ୍କୁ ୩ବର୍ଷ ପାଇଁ ପ୍ରଥମେ ଲିଜ ଏଗ୍ରିମେଣ୍ଟ କରାଯାଉଛି। ୩ ବର୍ଷିଆ ମଡଗେଜ ଦେଲେ ବ୍ୟାଙ୍କ ଋଣ ମିଳୁନି। ଅର୍ଥ ଅଭାବରୁ ଉଦ୍ୟୋଗପତିମାନେ କୌଣସି ଉଦ୍ୟୋଗ ଖୋଲିପାରୁନାହାନ୍ତି। ଗୋଟିଏ ପଟେ ୩ବର୍ଷିଆ ଲିଜ କାଟି ସ୍ଥାୟୀ ଲିଜ ଦେବାକୁ ପଡିବ ନଚେତ ବ୍ୟାଙ୍କ ଋଣ ଦେବାକୁ ପଡିବ। ଏହି ସବୁ ସମସ୍ୟାର ସମାଧାନ କରାଗଲେ ଅଟୋନଗରର ଅସ୍ତିତ୍ୱ ରହିବ ନଚେତ ଆଗାମୀ ଦିନରେ ଏହାର ଅଅସ୍ତିତ୍ୱ ହଜିଯିବ। ଏ ନେଇ ଇଡକୋକୁ ଅବଗତ କରାଯାଇଛି

■ ଶିଳ୍ପାଞ୍ଚଳର ୪୯ ଏକର ଜମିରେ ୪୯୪ ପ୍ଲଟ

■ ଅଧିକାଂଶ ପ୍ଲଟ ଲାଗିଛି ଭଡ଼ାରେ

ବୋଲି ମହାପାତ୍ର କହିଛନ୍ତି। ଇଡ୍‌କୋର ଡିଭିଜନାଲ ମୁଖ୍ୟ ସ୍ମରଣିକା ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ, ଅଟୋନଗରର ବିକାଶ ପାଇଁ ୩୫.୬୫ କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ମିଳିବ ବୋଲି ମୁଖ୍ୟ କାର୍ଯ୍ୟାଳୟରୁ ଜଣାପଡିଛି। ୩୨ କୋଟି ଟଙ୍କାରେ ଫେଜ-୧ରେ ନିରବଚ୍ଛିନ୍ନ ପାନୀୟ ଜଳ ଯୋଗାଣ, ସିସି ରୋଡ, ଡ୍ରେନେଜ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ହୋଟେଲ, ଶ୍ରମିକମାନଙ୍କ ରହଣିସ୍ଥଳ ଆଦି ବ୍ୟବସ୍ଥା ରହିବ। ସେହିପରି ଫେଜ-୨ ପାଇଁ ୩.୬୫ କୋଟି ଟଙ୍କାରେ ସିସି ରୋଡ, ଡ୍ରେନ, ବିଦ୍ୟୁତ ସୁବିଧା, ପ୍ରଶାସନିକ କୋଠା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯିବ। ଜଳଯୋଗାଣ ପାଇଁ ଘଟକେଶ୍ୱର ନିକଟ ଜଳଅମଳ ପ୍ରକଳ୍ପରୁ ପାଣି ଯୋଗାଣ ହେବ। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ଟେଣ୍ଡର ହୋଇଛି। କିନ୍ତୁ କାର୍ଯ୍ୟାଦେଶ ଦିଆଯାଇପାରିନାହିଁ। ସେଠାରେ ଖୁବଶୀଘ୍ର କାର୍ଯ୍ୟାରମ୍ଭ ହେବ ବୋଲି ଡିଭିଜନାଲ ମୁଖ୍ୟ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ କଲକୀରାମ୍


@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ପରିବା ଦୋକାନରେ ଅଗ୍ନିକାଣ୍ଡ

ବ୍ରହ୍ମପୁର,୬।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଡିଓଷ୍ଟେସନ ନିକଟସ୍ଥ ପରିବା ବଜାର (ଭେଣ୍ଡିଂ ଜୋନ)ରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୁଇଟି ଦୋକାନ ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ବିଦ୍ୟୁତ ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏଥିରେ ପ୍ରାୟ ୩୦ହଜାର ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ୨ ପରିବା ବ୍ୟବସାୟୀ ଶୁଭାସିନୀ ନାୟକ, ଶ୍ରୀନିବାସ ପଣ୍ଡା ନିଜ ଦୋକାନରେ ବସି ପରିବା ବିକ୍ରି କରୁଥିଲେ। ହଠାତ ଦୋକାନ ପଛପଟୁ ନିଆଁ ବାହାରୁଥିବା ଦେଖି ସେମାନେ ରାସ୍ତା ଉପରକୁ ଚାଲିଆସିଥିଲେ। ପରିବା କିଣୁଥିବା ଲୋକମାନେ ଭୟଭୀତ ହୋଇ ଦୌଡ଼ିବାକୁ ଲାଗିଥିଲେ। ଶ୍ରୀନିବାସ ଏନେଇ ଅଗ୍ନିଶମ ବିଭାଗକୁ ଜଣାଇଥିଲେ।

### ମଦ ଚାଲାଣ, ୧ ଗିରଫ

ଚିକିଟି,୬।୨(ପ୍ରକାଶ ଚନ୍ଦ୍ର ସାହୁ)

କେ ନୂଆଗାଁ ଥାନା ଅନ୍ତର୍ଗତ କଳାବାଡ଼ ଗ୍ରାମ ନିକଟରେ ସୋମବାର ରାତିର ସରକାରୀ ମଦ ଭାଟି ନାମରେ ନକଲି ପ୍ୟାକେଟରେ ଏକ ଅଟୋ ଯୋଗେ ମହୁଲି ମଦ ଚାଲାଣ ବେଳେ ୧୨୦ ଲିଟର ପାଉଚ ଜବତ ହୋଇଛି। ଅଟୋ ଚାଳକଙ୍କୁ ଚିକିଟି ଅବକାରୀ ବିଭାଗ କୋର୍ଟ ଚାଲାଣ କରିଛି। ଖବର ପାଇ ଚିକିଟି ଅବକାରୀ ଥାନାଧିକାରୀ ରମେଶ ଚନ୍ଦ୍ର ମହାନ୍ତି କଳବାଡ଼ -ଚିଲାଡୀ ମଧ୍ୟରେ ଉକ୍ତ ଅଟୋକୁ ଧରିଥିଲେ। କେଲୁଆ ପଟୁ ଧାନଘର ଅଭିମୁଖେ ଆସୁଥିବା ଉକ୍ତ ଅଟୋରେ ୧୨୦ ଲିଟର ପାଉଚ ଦେଶୀ ପ୍ୟାକେଟ ଭର୍ତ୍ତି ଜବତ କରାଯାଇଛି। ସେହି ପାଉଚ ଗୁଡିକରେ କଳବାଡ଼ ସ୍ଥିତ ସରକାରୀ ଦେଶିଭାଟିର ଟ୍ରେଡ୍ ଲାଇସେନ୍ସ ନମ୍ବର ଉଲ୍ଲେଖ ରହିଥିଲା। କିନ୍ତୁ କଳବାଡ଼ ସରକାରୀ ମଦ ଭାଟି ମ୍ୟାନେଜର କୁନା ସାହୁ ଉକ୍ତ ପାଉଚ କଳବାଡ଼ ଭାଟିର ନୁହେଁ ଆମ କମ୍ପାନୀ ନାମରେ ଅନ୍ୟ କେହି ନକଲି ମଦ ଚାଲାଣ କରୁଥିବେ ବୋଲି ଆଶଙ୍କା କରିଛନ୍ତି। ଆଇସି ରମେଶ ଚନ୍ଦ୍ର ମହାନ୍ତି, ଏଏସଆଇ ଦଣ୍ଡପାଣି ଶବର, ଆର. ଲକ୍ଷ୍ମୀ ରେଡି ଏବଂ ଷ୍ଟାଫ ଚଢ଼ାଉରେ ସାମିଲ ଥିଲେ।

## ଛେଳିଗଡ଼ ପ୍ରକଳ୍ପ ଅଞ୍ଚଳ ସ୍ଥିତି ଅନୁଧ୍ୟାନ କଲେ ଚାଷୀ ଟିମ୍

ଦିଗପହଣ୍ଡି,୬।୨(ଅଶେଷ ନାଥ ମିଶ୍ର)

ଛେଳିଗଡ ପ୍ରକଳ୍ପ ଅଞ୍ଚଳ ସୋମବାର ପରିଦର୍ଶନ କରିଛନ୍ତି ୪୦ ଜଣିଆ ଚାଷୀ ଦଳ। ଜଳ ସୁରକ୍ଷା କମିଟିର ଆବାହକ ତଥା କୃଷକ ନେତା ବୃନ୍ଦାବନ ଖଟେଇଙ୍କ ନେତୃତ୍ୱରେ ଏହି ଟିମ୍ ଛେଳିଗଡ ପ୍ରକଳ୍ପ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲିଥିଲେ। ଏହି ଟିମ୍‌ରେ ଘୋଡାହାଡ ଜଳଶୀର୍ଷ କମିଟିର ସଭାପତି ଓ କୋଷାଧ୍ୟକ୍ଷ ମଧ୍ୟ ସାମିଲ ଥିଲେ। ପ୍ରକଳ୍ପ ଅଞ୍ଚଳର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ପରେ ଘୋଡାହାଡ ଜଳ ଶୀର୍ଷ କମିଟି ସଭାଗୃହରେ ଗଣମାଧ୍ୟମର ପ୍ରତିନିଧିଙ୍କ ଆଗରେ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଉପରେ ସୂଚନା ଦେଇଥିଲେ।

ସୂଚନା ପ୍ରକାରେ, ଛେଳିଗଡ ପ୍ରକଳ୍ପ କାର୍ଯ୍ୟକାରିତାକୁ ନେଇ ଚାଷୀମାନଙ୍କ ମନରେ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ସେହି ସନ୍ଦେହ ଅନେକ ମାତ୍ରାରେ ଦୁର ହୋଇଥିଲେ ମଧ୍ୟ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ପ୍ରଶାସନର କାଳକ୍ଷେପଣ ନୀତି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଛେଳିଗଡ ଜଳ ଘୋଡାହାଡ ଡ୍ୟାମ୍‌ରେ ପଡିବା ପାଇଁ ଯେଉଁ ସ୍ରୋତ ରହିଛି ସେହି


ଛେଳିଗଡ଼ ପ୍ରକଳ୍ପ ଅଞ୍ଚଳ ସ୍ଥିତି ଅନୁଧ୍ୟାନ କରୁଛନ୍ତି ଚାଷୀ ଟିମ୍।

ମାଙ୍କଡଡିଆଁ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଛେଳିଗଡ ମୁଖ୍ୟ ଜଳସ୍ରୋତ ଅଞ୍ଚଳକୁ ପରିଦର୍ଶନ କରିଥିଲେ। ଛେଳିଗଡ ଜଳ ସମ୍ପ୍ରସାରଣ ଯୋଜନା କେଉଁ କେଉଁ ଅଞ୍ଚଳର କେତେ ଜମି ଜଳସେଚିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ପ୍ରଶାସନ ପକ୍ଷର କି ପ୍ରକାର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି ତାହା ଚାଷୀଙ୍କ ଉଦ୍ଦେଶ୍ୟରେ ସ୍ପଷ୍ଟ କରିବା ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଦାବି କରିଥିଲେ। ଘୋଡାହାଡ ଜଳଶୀର୍ଷ କମିଟିର ସଭାପତି ରମେଶ ଚନ୍ଦ୍ର ପାତ୍ର ଓ କୋଷାଧ୍ୟକ୍ଷ ରାମନାଥ ବିଷୋୟୀଙ୍କ ଦାବୀ ମୁତାବକ ଶୁଖୀଲା ପଡିଥିବା ଘୋଡାହାଡ ଜଳ ଭଣ୍ଡାରକୁ ପୁନଃଉଦ୍ଧାର କରିବା ସହ ଏସ୍.ଟିକରପଡା ଠାରେ ଥିବା ଆକ୍ୟୁଡେକ୍ଟର କ୍ଷମତାକୁ ବୃଦ୍ଧି କଲେ ତଳ ମୁଣ୍ଡର ଚାଷୀ ଉପକୃତ ହୋଇପାରିବେ ବୋଲି ସେମାନେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାହ୍ନୁ ଚରଣ ପାତ୍ର, ଗୋବିନ୍ଦ ଗୌଡ, ସଞ୍ଜୟ କୁମାର ଜେନା, ପ୍ରମୋଦ କୁମାର ସ୍ୱାଇଁ, ଭଗବାନ ବିଷୋୟୀ, ବି.ନରସିଂହ, ରାଜେନ୍ଦ୍ର ସ୍ୱାଇଁ, ଶ୍ୟାମସୁନ୍ଦର ଦୋରା ଓ ସୋମନାଥ ସେଠୀ ପ୍ରମୁଖ ଚାଷୀ କର୍ମକର୍ତ୍ତାମାନେ ଏହି ପରିଦର୍ଶନ କାର୍ଯ୍ୟରେ ସାମିଲ୍ ହୋଇଥିବା ସୂଚନା ମିଳିଛି।

## ୧୦ ଚୋରି ମୋବାଇଲ ଫୋନ୍ ଉଦ୍ଧାର

ବ୍ରହ୍ମପୁର,୬।୨(ସୁବାସ ଚନ୍ଦ୍ର ପାଢ଼ୀ)

୧୦ଟି ଚୋରି ମୋବାଇଲ୍ ଫୋନକୁ ସାଇବର ଥାନା ପୋଲିସ ଉଦ୍ଧାର କରି ପ୍ରକୃତ ମାଲିକକୁ ଫେରସ୍ତ କରିଛି। ବ୍ରହ୍ମପୁର ସହର ଉପକଣ୍ଠ ଆମ୍ବପୁଆର ବି. ତିରୁପତି ରାଓ, ଗୋଷାଣୀନୁଆଗାଁର ଶିବରାମ ସାମନ୍ତରାୟ, ଗୋଳନ୍ଥରାର ପ୍ରଲ୍ଲଭି ଟାଟା, ସସ୍ମିତା ଦଳବେହେରା, ବଡ଼ ବଜାର ଅଞ୍ଚଳର ଅମିତ କୁମାର ପାତ୍ର, ସିଏଚ ଓମ୍ ପାତ୍ର, ଜେ. ତନୁଜା, ଲାଞ୍ଜିପଲ୍ଲୀର ବିଶ୍ୱଜିତ ପଟ୍ଟନାୟକ, କୁନି ନାୟକ ଓ ଗୋଳନ୍ଥରା ନିରାକାର ନଗରର ଅଶୋକ କୁମାର ତ୍ରିପାଠୀ ନିଜ ମୋବାଇଲ ଫୋନ୍ ଫେରି ପାଇଛନ୍ତି। କିଛିମାସ ପୂର୍ବେ ସହର ଓ ସହର ତଳି ଅଞ୍ଚଳରୁ ଲୋକଙ୍କ ମୋବାଇଲ ଚୋରି ହୋଇଥିଲା। ପୋଲିସ ଚୋରି ମୋବାଇଲ ଗୁଡିକର ଟ୍ରାକିଂ କରୁଥିଲା। ସାଇବର୍ ଥାନା ପୋଲିସ ଚୋରି ହୋଇଥିବା ମୋବାଇଲ୍ ଫୋନକୁ ବିଭିନ୍ନ ଲୋକଙ୍କ ନିକଟରୁ ଉଦ୍ଧାର କରିଥିଲା। ପରେ ସେଗୁଡିକର ପ୍ରକୃତ ମାଲିକଙ୍କୁ ଫୋନ କରି ଥାନାକୁ ଆସିବା ପାଇଁ କହିଥିଲା। ସେମାନେ ଉପଯୁକ୍ତ ପ୍ରମାଣ ପତ୍ର ଦେଖାଇ ମୋବାଇଲ ନେଇ ଖୁସି ହୋଇଛନ୍ତି।

## ଗଞ୍ଜେଇ ଚାଲାଣ ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଛତ୍ରପୁର,୬।୨(ଦିଲୀପ ସାମଲ)

ବେଆଇନ ଗଞ୍ଜେଇ ଚୋରାଚାଲାଣ ମାମଲାର ଚୂଡ଼ାନ୍ତ ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଛତ୍ରପୁର ଅତିରିକ୍ତ ଜିଲା ଦୌରାଜଜ ମନୋରଞ୍ଜନ ଦାଶ ଏହି ମାମଲାର ବିଚାର କରି ଅଭିଯୁକ୍ତ କାଞ୍ଚୁ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ କାଞ୍ଚୁଙ୍କୁ ୧୦ ବର୍ଷ ଜେଲ ଜଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ କୁହାଯାଇଛି। ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ୨୦୨୨ ନଭେମ୍ବର ୬ରେ କନ୍ଧମାଳ ଜିଲା କେରୁବାଡି ଅଞ୍ଚଳର କାଞ୍ଚୁ ଦାସ ଏକ ଇଣ୍ଡିକୋ କାରରେ ବେଆଇନ ଭାବେ ୧ କୁଇଣ୍ଟାଲ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଛତ୍ରପୁର ଉଜ୍ଜ୍ୱଳେଶ୍ୱରୀ ମନ୍ଦିର ନିକଟ ୧୬ନଂ ଜାତୀୟ ରାଜପଥଠାରେ ଗଞ୍ଜାମ ଅବକାରୀ ବିଭାଗ ହାତରେ ଧରାପଡ଼ିଥିଲେ। ଅବକାରୀ ବିଭାଗ ପକ୍ଷରୁ ୨୧/୨୨ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କାଞ୍ଚୁଙ୍କୁ କୋର୍ଟ ଚାଲଣ କରାଯାଇଥିଲା। ଉକ୍ତ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଓକିଲ ସୀମାଞ୍ଚଳ ମହାପାତ୍ର ମକଦ୍ଦମା ପରିଚାଳନା କରୁଥିଲେ।

## ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ମାଧ୍ୟମ ଗଣିତ ଶିକ୍ଷକ ସମ୍ମାନିତ

ଚିକିଟି,୬।୨(ପ୍ରକାଶ ଚନ୍ଦ୍ର ସାହୁ)

ତେଲଙ୍ଗାନା ରାଜ୍ୟର ୱାରଙ୍ଗଲ ଜିଲା ତେଲଙ୍ଗାନା ଏନ୍‌ଜି ଓ ଭାବନରେ ଯୁବ ସଚେତନ ଓ ସମାଜ ମଙ୍ଗଳ ବିଶ୍ୱକର୍ମା ସେବାସଂସ୍ଥା ତରଫରୁ ସ୍ୱାମୀ ବିବେକାନନ୍ଦ ଓ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଦୀର୍ଘ ୪ଦିନ ଧରି ଚାଲିଥିବା ଉତ୍ସବ ରବିବାର ଶେଷ ହୋଇଯାଇଛି। ଆୟୋଜିତ ଏହି ଉତ୍ସବରେ ମହାରାଷ୍ଟ୍ର, ଛତିଶଗଡ଼, ଓଡ଼ିଶା, ଆନ୍ଧ୍ରପ୍ରଦେଶର ବହୁ ଶିକ୍ଷକ, କଳାକାର ଓ ସମାଜସେବୀ ଉପସ୍ଥିତ ଥିଲେ। ଶେଷ ଦିବସରେ ପଶ୍ଚିମ ୱାରାଙ୍ଗଲ ବିଧାୟିକା ନୟନୀ ରାଜେନ୍ଦ୍ର ରେଡ୍ଡୀ, ୱାର୍ଦନ ପେଟା ବିଧାୟକ ଡାକ୍ତର ମାରିପଲ୍ଲୀ, ବିଧାୟକ ଡାକ୍ତର ସୁଧୀର କୁମାର ଯୋଗଦେଇ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା ଇଚ୍ଛାପୁର ମଣ୍ଡଳର ମଣ୍ଡାପଲ୍ଲୀ ଗ୍ରାମର ଜିଲା ପରିଷଦ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ପେଦିନୀ କବିରାଜ ରେଡ୍ଡୀଙ୍କୁ ଉତ୍ତମ ଶିକ୍ଷକ ରୂପେ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ବହୁ ଶିକ୍ଷକ, କଳାକାର ଓ ସାମାଜିକ କର୍ମୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ପେଦିନା କବିରାଜ ରେଡି ବିଚ୍ଛିନ୍ନାଞ୍ଚଳ ଶିକ୍ଷକ ସଂଘର ସଭାପତି ଅଛନ୍ତି।


ଶିକ୍ଷକଙ୍କୁ ସମ୍ମାନିତ କରୁଛନ୍ତି ଅତିଥି।

## ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ସଚେତନତା ଶିବିର

ଦିଗପହଣ୍ଡି,୬।୨
(ଅଶେଷ ନାଥ ମିଶ୍ର)

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ନିମନ୍ତେ ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମରେ ମଙ୍ଗଳବାର ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ବିଜେଡି ଜିଲା ଉପସଭାପତି ଚିତ୍ରସେନ ଗୌଡଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ସରପଞ୍ଚ ଜୟଲକ୍ଷ୍ମୀ ଗୌଡ଼ ସଭାପତିତ୍ୱ କରିଥିଲେ। ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀ, ଗ୍ରାମ୍ୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ଜ୍ୟୋତି ପ୍ରକାଶ ବିଶ୍ୱାସରାୟ, କନିଷ୍ଠ ଯନ୍ତ୍ରୀ ଇଂ.ପ୍ରେମ ରଞ୍ଜନ ମହାପାତ୍ର, ବିପିସି ଅଜୟ ସାହୁ, ଜିଲା ପରିଷଦ ସଦସ୍ୟ


ମଞ୍ଚରେ ଅତିଥିବୃନ୍ଦ।

ରାଧାକାନ୍ତ ମହାକୁଡ, କରପଡା ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ପଦ୍ମନାଭପୁର ପୂର୍ବତନ ସରପଞ୍ଚ ବି . କ୍ରିଷ୍ଣାରାଓ ସୁବୁଦ୍ଧି, ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ସୀମାଞ୍ଚଳ ଗୌଡ଼, ସମିତି ସଭ୍ୟ ତପସ୍ୱିନୀ ମହାପାତ୍ର, ସାମାଜିକ କର୍ମୀ ଉମାକାନ୍ତ ସାହୁ, ରଞ୍ଜନ ପାଣିଗ୍ରାହୀ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଡମ୍ବୁରୁ ସେଠୀ, ନାଏବ ସରପଞ୍ଚ ଶରତ ଶବର, ପୂର୍ବତନ ସମିତି ସଭ୍ୟ ନିଳାମ୍ବର ଗୌଡ, ପଞ୍ଚାନନ ପାଇକଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିକ୍ଷକ ରାଜେନ୍ଦ୍ର ଗୌଡ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ଯ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଦାସକାଠିଆ ମାଧ୍ୟମରେ ପ୍ରଚାର କରାଯାଇଥିଲା।

## ବିଶ୍ୱ କର୍କଟ ଦିବସରେ କବାଡ଼ି ପ୍ରତିଯୋଗିତା

ହାତୀଓଟ,୬।୨(ରଞ୍ଜୟ ପାଣିଗ୍ରାହୀ)

ପୋଲସରା ବ୍ଲକ ପାଣ୍ଡିରିପଡା ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ପ୍ରାଥମିକ ଚିକିତ୍ସା କେନ୍ଦ୍ର ତରଫରୁ କଷିପଡା ପଡିଆଠାରେ ବିଶ୍ୱ କର୍କଟ ଦିବସ ଅବସରରେ ଦୁଇ ଦିନିଆ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଫାର୍ମାସିଷ୍ଟ ଗଣେଷ କୁମାର ନାୟକ, ଆୟୁଷ ଡକ୍ଟର ସୁନୀଲ କୁମାର ଦଳାଇ, ବିଜୟ କୁମାର ଭୂୟାଁ, ପାତାଳସିଙ୍ଗି ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସେଠୀ, ପାଣ୍ଡିରିପଡା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ରାଳବ ଇଲେଭେନ ଟିମ୍ ବିଜୟୀ

### ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବ୍ରହ୍ମପୁର,୬।୨(ତନୁଶ୍ରୀ ନାହାକ)

ଗୋଷାଣୀନୁଆଗାଁ କାର୍ଗିଲ ଗ୍ରାଉଣ୍ଡଠାରେ ତୃତୀୟ କାର୍ଗିଲ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମେୟର ଶିବ ଶଙ୍କର ଦାସ, ସମ୍ମାନିତ ଅତିଥି ଭାବେ ୨୬ ନମ୍ବର ୱାର୍ଡ଼ କର୍ପୋରେଟର ଧୀରେଶ ସାବତ, ୨୭ ନମ୍ବର ୱାର୍ଡ଼ କର୍ପୋରେଟର ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ଟୁର୍ନାମେଣ୍ଟ ୧୦ ଦିନ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ୧୬ ଦଳ ଅଂଶ ଗ୍ରହଣ କରିଛନ୍ତି। ପ୍ରଥମ ମ୍ୟାଚ ରାଳବ ଇଲେଭେନ ଓ ଏମକେସିଜି ଇଲେଭେନ ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ଟସ ଜିତି ରାଳବ ପ୍ରଥମ ବ୍ୟାଟିଂ କରି ୧୨ ଓଭରରେ ଉଇକେଟ ଉଇକେଟ ହରାଇ ୧୨୨ ରନ



ଉଦଘାଟନୀ ମ୍ୟାଚ ପୂର୍ବରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି ବୃନ୍ଦ।

ସଂଗ୍ରହ କରିଥିଲେ। ଦ୍ୱିତୀୟ ଇନିଂସରେ ଏମକେସିଜି ଟିମ୍ ସମାନ ଓଭରରେ ୭ ଉଇକେଟ ହରାଇ ୧୨୦ ରନରେ ସୀମିତ ରହିଥିଲା। ଫଳରେ ରାଳବ ଟିମ୍ ବିଜୟୀ ହୋଇଥିଲେ। ସାମାଜିକ କର୍ମୀ ଖଲି ଦାସ, ଅମ୍ପାୟର ଭାବେ ମୁକେଶ ହୋତା, ଅଜୟ ଭୋଳ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନା କରିଥିଲେ।

## ୧୬ ଧର୍ମଘଟରେ ସାମିଲ ହେବ ଆଇଏନଟିୟୁସି

ବ୍ରହ୍ମପୁର,୬।୨(ନରସିଂହ ସାହୁ)

ସଂଯୁକ୍ତ ମୋର୍ଚ୍ଚା, କୃଷକ ସମାଜ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ଡ଼ାକରା ୧୬ ତାରିଖ ସାଧାରଣ ଧର୍ମଘଟରେ ସାମିଲ ହେବ କଂଗ୍ରେସ ଶ୍ରମିକ ସଂଗଠନ ଗଞ୍ଜାମ ଜିଲା ଆଇଏନଟିୟୁସି। ଅନ୍ୟପକ୍ଷରେ ଧର୍ମଘଟକୁ ବ୍ରହ୍ମପୁର ମହାନଗର ସମେତ ସମଗ୍ର ଜିଲାରେ ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ବାମପନ୍ଥୀ ସିପିଆଇ ଓ ସିପିଏମ ପକ୍ଷରୁ ଘନ ଘନ ବୈଠକ କରାଯାଇ ପ୍ରସ୍ତୁତିକୁ ଜୋରଦାର ହେଉଛି। ଶହୀଦ ଲକ୍ଷ୍ମଣ ନାୟକ ସମ୍ମିଳନୀ କକ୍ଷରେ ପୁଣି ଅନୁଷ୍ଠିତ ମିଳିତ ସଂଗଠନର ବୈଠକରେ କେନ୍ଦ୍ର ସରକାରଙ୍କ ଶ୍ରମିକ ଓ କୃଷକ ମାରଣ ନୀତିକୁ କଡ଼ା ସମାଲୋଚନା କରାଯାଇଛି।


ବୈଠକରେ ଉପସ୍ଥିତ ମିଳିତ ସଂଗଠନର ନେତାମାନେ।

ଆଇଏନଟିୟୁସି ଜିଲା ସଭାପତି ପୀତବାସ ପଣ୍ଡା, ଏଆଇଟିୟୁସି ନେତା ପ୍ରଶାନ୍ତ ପାଟ୍ଟଯୋଷୀ ଓ ସିପିଏମ ତଥା ସିଆଇଟିୟୁ ନେତା କୈଳାସ ଷଡ଼ଙ୍ଗୀଙ୍କ ସଭାପତି ମଣ୍ଡଳୀ ଦ୍ୱାରା ହୋଇଥିବା ବୈଠକରେ ବଂଚିବାର ଅଧିକାର ଦାବିରେ ପ୍ରସ୍ତାବିତ ଧର୍ମଘଟରେ ସବୁ ଶ୍ରେଣୀର ଗଣତନ୍ତ୍ର ପ୍ରେମୀ ଲୋକେ ପୂର୍ଣ୍ଣ ସମର୍ଥନ କରିବାକୁ ଆହ୍ୱାନ ଦିଆଯାଇଛି।

ବୈଠକ ଶେଷରେ କୁହାଯାଇଛି ଭାଜପା ନେତୃତ୍ୱ କେନ୍ଦ୍ର ସରକାର ଶ୍ରମ ଆଇନର ସଂଶୋଧନ, ଆଖିବୁଜା ଶ୍ରମିକ ଛଟେଇ, କୃଷି ଓ କୃଷକଙ୍କ ଅଧିକାରକୁ ସଂକୁଚିତ, ଉତ୍ପାଦିତ କୃଷି ସାମଗ୍ରୀର ଉଚିତ ମୂଲ୍ୟ ହେବାରେ ଅବହେଳା, ଲାଭଜନକ ବୀମା ଓ ବ୍ୟାଙ୍କ ଶିଳ୍ପକୁ ଘରୋଇକରଣ ଏବଂ ନିତ୍ୟ ବ୍ୟବହୃତ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଧର୍ମଘଟର ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାରରୁ ଜିଲାର ବ୍ଲକ ଅଞ୍ଚଳଗୁଡିକରେ ଧର୍ମଘଟ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ପଥପ୍ରାନ୍ତ ସଭା ମାଧ୍ୟମରେ ପ୍ରଚାର ଆରମ୍ଭ ହୋଇଥିବା କୁହାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ହରିକୃଷ୍ଣ ରେଡ଼ି, ଅଳକ ନାଥ ମିଶ୍ର, ଶ୍ରୀହର୍ଷ ରଥ, ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ବିଦ୍ୟାଧର ଜେନା, ଅଜୟ ଗୌଡ଼ ଓ ପ୍ରଫୁଲ୍ଲ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

